بسم الله الرحمن الرحيم

**୧୬ ଜୁନ୍ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସ୍‌ଲାମାବାଦ୍, ଲଣ୍ଡନ୍**

**ହଜରତ ମୁହମ୍ମଦ ସ.ଅ.ଙ୍କର ବଦର ଯୁଦ୍ଧ ପାଇଁ ପ୍ରସ୍ତୁତି ଏବଂ ବଦର ଅଭିମୁଖେ ପ୍ରସ୍ଥାନ କରିବାର ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଆଲୋଚନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱ୍ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱ୍ୱର ଅ.ବ କହିଲେ; ମକ୍କାର ଅମାନ୍ୟକାରୀମାନେ ମୁସଲମାନମାନଙ୍କ ସହିତ ଯୁଦ୍ଧ ପ୍ରସ୍ତୁତିର କିଛି ଘଟଣାବଳୀ ପୂର୍ବରୁ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ଆଜି କିଛି ଅଧିକ ବର୍ଣ୍ଣନା କରିବି । ଉମୟା ବିନ୍ ଖଲଫ୍ ଓ ଅବୁ ଲହବ୍ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ ନଲଢ଼ିବା ପାଇଁ ଅନିଚ୍ଛା ପ୍ରକାଶ କରିବାରୁ ଅବୁ ଜହଲ୍ ଉମୟା ବିନ୍ ଖଲଫ୍ ନିକଟକୁ ଆସି କହିଲା;

ତୁମେ କୁରୈଶର ସରଦାରମାନଙ୍କ ମଧ୍ୟରୁ ଜଣେ, ଯଦି ତୁମେ ଯୁଦ୍ଧରୁ ବିରତ ରହିଲ ତେବେ ଅନ୍ୟମାନେ ମଧ୍ୟ ପଛଘୁଂଚା ଦେବେ । ତେଣୁ ତୁମେ ଆମ ସାଥିରେ ନିଶ୍ଚିତ ରୂପେ ଚାଲ, ଯଦିଚ ଦିନେ ଦୁଇଦିନ ଆମ ସାଥିରେ ଯାତ୍ରା କରିବା ପରେ ତୁମେ ପ୍ରତ୍ୟାବର୍ତ୍ତନ କରି ଆସିବ । ବାସ୍ତବରେ ଉମୟା ଯୁଦ୍ଧ କ୍ଷେତ୍ରକୁ ଯିବାକୁ ଏଥିପାଇଁ ଭୟଭୀତ ଥିଲା କାରଣ ହଜରତ ମୁହମ୍ମଦ ସ.ଅ ପୂର୍ବରୁ ହିଁ ତାହାର କାଳ ହେବାର ଭବିଷ୍ୟତ ବାଣୀ କରି ଦେଇଥିଲେ । ଏହାର ବିସ୍ତୃତ ବ୍ୟାଖ୍ୟା ସହି ବୁଖାରୀରେ ଉଲ୍ଲେଖ ରହିଛି ।

ଅବୁ ଲହବ୍ ନିଜ ସ୍ଥାନରେ ଅନ୍ୟଜଣକୁ (ଯୁଦ୍ଧ ଲଢ଼ିବା ପାଇଁ) ପ୍ରେରଣ କରିଥିଲା । ସେ (ବଦର) ଯୁଦ୍ଧରେ ସାମିଲ ନହେବାର କାରଣ ଆତକା ବିନତ୍ ଅବ୍ଦୁଲ୍ ମୁତଲିବ୍‌ଙ୍କର ସ୍ୱପ୍ନ ଥିଲା । ଅବୁ ଲହବ୍ କହୁଥିଲା ଆତକାର ସ୍ୱପ୍ନ ଏପରିକି (ସତ୍ୟ ସିଦ୍ଧ) ହୋଇଥାଏ ଯେମିତି କୌଣସି ବ୍ୟକ୍ତି ହସ୍ତରେ କିଛି ସାମଗ୍ରୀ ଦେଇ ଦିଆଯାଏ । ମକ୍କାର ଅମାନ୍ୟକାରୀ ଦଳ ବେଶ ଉତ୍ସାହ ଉତ୍କଣ୍ଠାର ସହିତ ରଣକ୍ଷେତ୍ର ଅଭିମୁଖେ ଅଗ୍ରସର ହେଲା । ସୈନିକମାନଙ୍କ ସଂଖ୍ୟା ଏକ ହଜାର ରହିଥିଲା ଏବଂ ସେମାନଙ୍କ ନିକଟରେ ଶହେ ଅଥବା କେତେକଙ୍କ କହିବାନୁଯାୟୀ ୨୦୦ଟି ଘୋଡ଼ା, ୭୦୦ ଓଟ, ୬୦୦ଯୁଦ୍ଧ କବଚ ଓ ଅନ୍ୟାନ୍ୟ ଯୁଦ୍ଧ ସାମଗ୍ରୀ ଯେପରିକି ବର୍ଚ୍ଛା, ଖଣ୍ଡା ତଥା ଧନୁତୀର ବହୁ ମାତ୍ରାରେ ରହିଥିଲା ।

କୁରୈଶବାସୀ ମକ୍କାରୁ ବାହାରି ଜୋହ୍‌ଫାରେ ଅବତୀର୍ଣ୍ଣ କରିଥିଲେ, ଯାହାକି ମଦିନା ଠାରୁ ୮୨ ମିଲ୍ ଦୂରତାରେ ଅବସ୍ଥିତ ଥିଲା । ସେଠାରେ ଜଣେ ଜହିମ୍ ବିନ୍ ସଲତ୍ ଲୋକମାନଙ୍କୁ ନିଜର ଏକ ସ୍ୱପ୍ନ ବର୍ଣ୍ଣନା କଲେ କି ମୁଁ ସ୍ୱପ୍ନରେ ଦେଖିଲି ଜଣେ ବ୍ୟକ୍ତି ଘୋଡ଼ାରେ ବସି ଆସୁଛନ୍ତି ଏବଂ ତାଙ୍କ ସାଥିରେ ଗୋଟିଏ ଓଟ

ମଧ୍ୟ ରହିଛି । ସେ କହିଲେ; ଉତ୍‌ବା ବିନ୍ ରବିୟା, ଶୈବା ବିନ୍ ରବିୟା, ଅବୁ ହକମ୍ ଅର୍ଥାତ ଅବୁ ଜହଲ୍, ଉମୟା ବିନ୍ ଖଲଫ୍ ଏବଂ ଅମକ ଅମକ ସରଦାରମାନେ ନିହତ ହୋଇଗଲେଣି । ସେଥିଅନ୍ତେ ସେ ନିଜ ଓଟ ବେକରେ ବର୍ଚ୍ଛା ମାରି ତାହାକୁ ଆମ ଶିବିରରେ ଛାଡ଼ି ଗଲେ । ଯେଉଁ ଓଟର ରକ୍ତ ବହି ଆମ ସୈନିକମାନଙ୍କ ପ୍ରତ୍ୟେକ ଶିବିରରେ ଲାଗିଲା । ଯେତେବେଳେ ଏହି ସ୍ୱପ୍ନ ଅବୁ ଜହଲ୍ ଶୁଣିଲା ସେତେବେଳେ ସେ ପରିହାସ କରିବା ସହିତ କ୍ରୋଧିତ ଠାଣିରେ କହିଲା, ବନୁ ଅବ୍ଦୁଲ୍ ମୁତଲିବ୍ ଏହା ଆଉ ଜଣେ ଅବତାର ଆବିର୍ଭାବ ହୋଇଗଲାଣି । କାଲି ଆମେ ଯୁଦ୍ଧ କଲେ ଏକଥା ସ୍ପଷ୍ଟ ହୋଇଯିବ ଯେ କିଏ ମୃତ୍ୟୁର ସ୍ୱାଦ ଆସ୍ୱାଦନ କରୁଛି । ଅବୁ ସୁଫୟାନ୍ ମଧ୍ୟ ଏହି ବାର୍ତ୍ତା ଅବୁ ଜହଲ୍‌କୁ ପ୍ରେରଣ କରିଥିଲା ଯେ, ଯୁଦ୍ଧରୁ ନିବୃତ୍ତ ରହିବାକୁ ଚେଷ୍ଟା କର ।

ଅବୁ ସୁଫୟାନ୍‌ର ଏହି ବାର୍ତ୍ତା ଶୁଣି ଅବୁ ଜହଲ୍ କହିଲା, ଅଲ୍ଲାଃଙ୍କ ରାଣ ! ଆମେ ବଦର କ୍ଷେତ୍ର ପର୍ଯ୍ୟନ୍ତ ନିଶ୍ଚିତ ଯିବୁ ଏବଂ ସେଠାରେ ନିଜର ଓଟ ଜେବାଃ କରିବୁ, ମଦ୍ୟପାନ କରିବୁ ଓ ଆମ ଦାସୀମାନେ ସେଠାରେ ଗୀତ ଗାଇବେ । ଏପରି ସମଗ୍ର ଆରବରେ ଆମ ଯାତ୍ରା ଓ ସୈନିକମାନଙ୍କ ଅଗ୍ରସର ହେବା ଖବର ପ୍ରସାରିତ ହୋଇଯିବ ଏବଂ ସେମାନେ ସର୍ବଦା ଆମକୁ ଭୟ କରିବେ ।

ଅବୁ ସୁଫୟାନ୍‌ର ଏହି ବାର୍ତ୍ତା ଶୁଣି ବନୁ ଅଦୀ ଓ ବନୁ ଜୁହେରାଃ ଦଳ ପ୍ରତ୍ୟାବର୍ତ୍ତନ କରିଗଲେ ଏବଂ ଯୁଦ୍ଧରେ ସାମିଲ ହେଲେ ନାହିଁ । ଅବୁ ତାଲିବ୍‌ଙ୍କ ପୁତ୍ର ତାଲିବ୍ ମଧ୍ୟ ଅମାନ୍ୟକାରୀଙ୍କ ସାଥିରେ ସାମିଲ୍ ଥିଲା । ମାର୍ଗରେ ଅମାନ୍ୟକାରୀମାନେ ତାଙ୍କୁ କହିଲେ, ଏକଥା ତ ସତ ଯେ ତୁମେ ଆମ ସହିତ ଆସିଛ କିନ୍ତୁ ତୁମ ପରିଜନମାନେ ମୁହମ୍ମଦ ସ.ଅଙ୍କ ସାଥିରେ ଅଛନ୍ତି । ଏଥିରେ ତାଲିବ୍ ନିଜର କେତେକ ସାଥିମାନଙ୍କ ସହିତ ମକ୍କା ଫେରିଗଲେ । ତିବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ, ତାଲିବ୍ ଜବରଦସ୍ତି ମକ୍କାର ଅମାନ୍ୟକାରୀଙ୍କ ସହିତ ବଦର ଅଭିମୁଖେ ବାହାରି ଥିଲେ କିନ୍ତୁ ତାଙ୍କ ଚର୍ଚ୍ଚା ବଦର ଯୁଦ୍ଧରେ ନିହତ ଓ କଏଦୀମାନଙ୍କ ମଧ୍ୟରେ ମିଳୁ ନାହିଁ । ଏହିପରି ସେ ନିଜ ଘରକୁ ଫେରି ଆସିଥିବାର ବର୍ଣ୍ଣନା ମଧ୍ୟ ମିଳୁ ନାହିଁ ।

ହଜରତ ମୁହମ୍ମଦସ.ଅ ୧୨ରମଜାନ୍ ମାସ ଦୁଇ ହିଜରୀରେ ମଦିନାରୁ ବଦର ଅଭିମୁଖେ ପ୍ରସ୍ଥାନ କରିଥିଲେ । ଆପଣଙ୍କ ସାଥିରେ ୩୦୦ରୁ ଊର୍ଦ୍ଧ୍ୱ ସହଯୋଗୀ ସାମିଲ ଥିଲେ । ଅଧିକାଂଶ ବର୍ଣ୍ଣନାନୁଯାୟୀ ଉକ୍ତ ଯୁଦ୍ଧରେ ମୁସଲମାନମାନଙ୍କ ସଂଖ୍ୟା ୩୧୩ ରହିଥିଲା । ସେଥିମଧ୍ୟରୁ ୭୪ଜଣ ପ୍ରବାସକାରୀ ସାହାବି ଥିବା ସ୍ଥଳେ ବାକିତକ ଅନସାର୍ ସାହାବି ଥିଲେ । ଏହା ପ୍ରଥମ ଯୁଦ୍ଧ ଥିଲା ଯେଉଁଥିରେ ଅନସାର୍‌ମାନେ ସାମିଲ ଥିଲେ । ହଜରତ ମୁହମ୍ମଦସ.ଅ ହଜରତ ଉସମାନ୍ ବିନ୍ ଅଫାନ୍ ର.ଅଙ୍କୁ ମକ୍କାରେ ରହିବାକୁ ଆଦେଶ ଦେଇଥିଲେ । କାରଣ ତାଙ୍କ ପତ୍ନୀ ହଜରତ ରୁକେୟା ବିନତ୍ ମୁହମ୍ମଦସ.ଅ ରୋଗଗ୍ରସ୍ତ ଥିଲେ ।

ଯେତେବେଳେ ହଜରତ ମୁହମ୍ମଦସ.ଅ ଯୁଦ୍ଧ କ୍ଷେତ୍ରକୁ ପ୍ରସ୍ଥାନ କଲେ ସେତେବେଳେ ଜଣେ ମହିଳା ଉମ୍ମେ ଓରକମ୍ ବିନତ୍ ନଓଫିଲ୍ କହିଲେ; **ମୋତେ ମଧ୍ୟ ଜିହାଦ୍‌ରେ ସାମିଲ ହେବାକୁ ଅନୁମତି ପ୍ରଦାନ କରନ୍ତୁ । ମୁଁ ରୋଗୀମାନଙ୍କ ଯତ୍ନ ନେବି । ସମ୍ଭବତଃ ପ୍ରଭୁ ମୋତେ ଶହିଦ୍ ହେବାର ସୌଭାଗ୍ୟ ପ୍ରଦାନ କରିବେ ।**

ହଜରତ ମୁହମ୍ମହସ.ଅ କହିଲେ; **ତୁମେ ନିଜ ଘରେ ରୁହ ପରମେଶ୍ୱର ତୁମକୁ ଶାହାଦତ୍‌ର ମର୍ଯ୍ୟାଦା ପ୍ରଦାନ କରିବେ ।** ଅତଏବ ହଜରତ ଉମର ର.ଅଙ୍କ ଖିଲାଫତ୍ କାଳରେ ଉମ୍ମେ ଓରକମ୍‌ଙ୍କୁ ତାଙ୍କ କ୍ରୀତଦାସ

ଓ ଦାସୀ ହତ୍ୟା କରି ଦେଇଥିଲେ । ଏପରି ଅଲ୍ଲାଃତାଲା ହଜରତ ମୁହମ୍ମଦ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ତାଙ୍କୁ ଶହିଦ୍ ହେବାର ଗୌରବ ମଣ୍ଡିତ କରିଥିଲେ ।

ଏହି ଯୁଦ୍ଧରେ ମୁସଲମାନମାନଙ୍କ ନିକଟରେ ଗୋଟିଏ ବର୍ଣ୍ଣନାନୁଯାୟୀ ୫ଟି ତ ଆଉ କେତେକ ବର୍ଣ୍ଣନାନୁଯାୟୀ ୨ଟି ଘୋଡ଼ା ଥିଲା । ୬୦ଟି ଯୁଦ୍ଧବସ୍ତ୍ର, ୭୦/୮୦ ଗୋଟି ଓଟ ରହିଥିଲା । ସାହାବାମାନଙ୍କ ପାଇଁ ହଜରତ ମୁହମ୍ମଦସ.ଅ ଦୁଆ ପ୍ରାର୍ଥନା କଲେ ହେ ଅଲ୍ଲାଃ ! ଏମାନେ ମୁକୁଳା ପାଦରେ ଆସିଛନ୍ତି, ଏମାନଙ୍କୁ ବାହନ ପ୍ରଦାନ କରିଦିଅ । ଏମାନେ ଫୁଙ୍ଗୁଳା ଅଛନ୍ତି ଏମାନଙ୍କୁ ବସ୍ତ୍ର ପ୍ରଦାନ କର । ଏମାନେ ଭୋକିଲା ଅଛନ୍ତି ଏମାନଙ୍କୁ ତୃପ୍ତ କରିଦିଅ । ଏମାନଙ୍କ ହସ୍ତ ଶୂନ୍ୟ (ଅଭାବି) ଏମାନଙ୍କୁ ନିଜ କୃପା ବଳରେ ଧନାଢ଼୍ୟ କରିଦିଅ । ଅତଏବ ଏହି ଦୁଆ ସ୍ୱୀକୃତି ପ୍ରାପ୍ତ କଲା । ବସ୍ତୁତଃ ଯୁଦ୍ଧ ସମାପ୍ତ ହେବା ପରେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ଏପରି ନଥିଲେ ଯାହାଙ୍କୁ ବାହନ ପ୍ରାପ୍ତି ହୋଇ ନଥିଲା । ଖାଦ୍ୟ ସାମଗ୍ରୀ ଏଭଳି ପରିମାଣରେ ଲାଭ ହେଲା ଯେ ଅଭାବ ଅନଟନ ଦୂର ହୋଇଗଲା । ବସ୍ତ୍ରହିନଙ୍କୁ ବସ୍ତ୍ର ମିଳିଗଲା । କ୍ଷୁଦ୍ର କଏଦୀମାନଙ୍କୁ ମୁକ୍ତ କରିବାର ଏତେ ପରିମାଣର କ୍ଷତିପୂରଣ ମିଳିଲା ଯେ ପ୍ରତ୍ୟେକ ପରିବାର ଧନବାନ ହୋଇଗଲେ ।

ହଜରତ ଉସମାନ ର.ଅଙ୍କ ବ୍ୟତୀତ ମଧ୍ୟ କେତେକ ନିଷ୍ଠାପର ଏପରି ଥିଲେ, ଯାହାଙ୍କୁ ହଜୁରସ.ଅ ଯୁଦ୍ଧରେ ସାମିଲ ହେବାକୁ ଅନୁମତି ପ୍ରଦାନ କରି ନଥିଲେ । ସେମାନଙ୍କ ମଧ୍ୟରେ ହଜରତ ଅବୁ ଅମାମା ବିନ୍ ସାଲବାଃଙ୍କ ମାତା ବ୍ୟାଧିରେ ଆକ୍ରାନ୍ତ ଥିଲେ । ହଜରତ ସାଦ୍ ବିନ ଅବାଦାଃ ଯେ ଅନ୍ୟମାନଙ୍କୁ ଯୁଦ୍ଧ ପ୍ରସ୍ତୁତି କରାଉଥିବା ସମୟରେ ସର୍ପ ଦଂଶନ କରିଥିଲା । ଫଳତଃ ସେ ଯୁଦ୍ଧରେ ସାମିଲ ହୋଇପାରି ନଥିଲେ । ଏହିପରି ହଜରତ ମୁହମ୍ମଦସ.ଅ ମାର୍ଗରୁ ହିଁ କିଛି କମ୍ ବୟସ୍କ ଯୁବକଙ୍କୁ ମଦିନା ଫେରିଯିବାକୁ ଆଦେଶ ଦେଇଥିଲେ । ସେମାନଙ୍କ ମଧ୍ୟରେ ଉମେର ବିନ୍ ଅବି ଓ୍ୱକାସ ମଧ୍ୟ ସାମିଲ ଥିଲେ । ସେ ମଦିନା ଫେରିଯିବାର ଆଦେଶ ଶୁଣି କାନ୍ଦି ପଡ଼ିଲେ, ଏଥିରେ ହଜୁରସ.ଅ ତାଙ୍କୁ ଯୁଦ୍ଧ ଲଢ଼ିବା ପାଇଁ ଅନୁମତି ପ୍ରଦାନ କରି ଦେଇଥିଲେ । ସୁତରାଂ ସେ ଯୁଦ୍ଧରେ ସାମିଲ ହେଲେ ଏବଂ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କଲେ ।

ହଜରତ ମୁସଲେହ ମଉଦର.ଅ କୁହନ୍ତି; ଆଜି ସେହି ସମୟ ଆସିଛି ଯେ, ଲୋକେ ଇସଲାମ ଓ ନିଜ ଆସ୍ଥା ପାଇଁ ବଳିଦାନ ଦେବାରୁ ବିରତ ରହିବା ନିମନ୍ତେ ଆଳ ଓ ବାହାନା କରୁଛନ୍ତି ଏବଂ ସମୟ ଆସିଲେ କହିଥାନ୍ତି କି ଆମର ଏହି ଅସୁବିଧା ରହିଛି ଓ ଅମକ ପ୍ରତିବନ୍ଧକ ରହିଛି ।

କିନ୍ତୁ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଆଚରଣ ମାଧ୍ୟମରେ ମୁସଲମାନମାନଙ୍କ ମଧ୍ୟରେ ବଳିଦାନର ଏପରି ଆତ୍ମା ସଂଚାର ହୋଇଯାଇ ଥିଲା ଯେ, **ପୁରୁଷ ଓ ପ୍ରାପ୍ତବୟସ୍କ କନ୍ୟାମାନେ ତ ଦୂରେ ଥାନ୍ତୁ ପିଲାମାନେ ମଧ୍ୟ ଏହି ଉତ୍କଣ୍ଠିତ ଭାବରେ ପରିପୂର୍ଣ୍ଣ ଦୃଶ୍ୟମାନ ହେଉଥିଲେ ।**

ଏହି ଅଭିଯାନରେ ଯିବା ପୂର୍ବରୁ ହଜରତ ମୁହମ୍ମଦସ.ଅ ନିଜ ପଛରେ ଅବଦୁଲ୍ଲାଃ ବିନ୍ ଉମ୍ମେ ମକ୍ତୁମ୍‌ଙ୍କୁ ମଦିନାର ଅମିର ମୁତୟନ କରିଥିଲେ । କିନ୍ତୁ ରାସ୍ତାରେ ହିଁ ଏହି ଭାବନା ମନରେ ଉଙ୍କି ମାରିବାରୁ କି ଅବଦୁଲ୍ଲାଃ ଜଣେ ଅନ୍ଧ ବ୍ୟକ୍ତି ଏବଂ ମଦିନାର ବ୍ୟବସ୍ଥା ସୁଦୃଢ଼ ରହିବା ଉଚିତ୍ । ତେଣୁ ଆପଣସ.ଅ ଅବୁ ଲବାବାଃ ବିନ୍ ମନଜର୍‌ଙ୍କୁ ମଦିନାର ଅମିର ମୁତୟନ କରି ତାଙ୍କୁ ଫେରି ଯିବାକୁ ଆଦେଶ ଦେଇଥିଲେ ।

ଏହିପରି କବା (ଅଂଚଳ) ପାଇଁ ଆସିମ୍ ବିନ୍ ଅଦୀଙ୍କୁ ଅମିର ମୁତୟନ କରିଥିଲେ । ହଜରତ ମୁହମ୍ମଦସ.ଅ ଇସଲାମୀୟ ସେନାର ଧ୍ୱଜା ମୁସଅବ୍ ବିନ୍ ଉମେର ର.ଅଙ୍କୁ ପ୍ରଦାନ କରିଥିଲେ । ଉକ୍ତ ବାନାଟି ଶ୍ୱେତ ରଙ୍ଗର ଥିଲା । ଏତଦ୍ ବ୍ୟତୀତ ଦୁଇଟି କଳା ରଙ୍ଗର ବାନା ମଧ୍ୟ ପ୍ରସ୍ତୁତ କରାଯାଇ ଥିଲା, ସେଥି ମଧ୍ୟରୁ ଗୋଟିଏ ହଜରତ ଉମର ର.ଅଙ୍କ ନିକଟରେ ଥିଲା । ତାହା ହଜରତ ଆଏଶା ର.ଅଙ୍କ ଓଢ଼ଣୀରୁ ପ୍ରସ୍ତୁତ କରାଯାଇଥିଲା । ଦ୍ୱିତୀୟ ବାନାଟି ଜଣେ ଅନସାରଙ୍କ ନିକଟରେ ଥିଲା । ଗୋଟିଏ ବର୍ଣ୍ଣନାନୁଯାୟୀ ଇସଲାମୀୟ ସେନା ନିକଟରେ ତିନୋଟି ବାନା ରହିଥିଲା । ପ୍ରବାସକାରୀଙ୍କ ବାନା ହଜରତ ମୁସଅବ୍ ବିନ୍ ଉମେର ର.ଅଙ୍କ ନିକଟରେ, କବିଲା ଖଜରଜ୍‌ର ବାନା ହଜରତ ହବାବ୍ ବିନ୍ ମନ୍‌ଜର ର.ଅଙ୍କ ନିକଟରେ ଥିବା ସ୍ଥଳେ ଅଓସ୍ କବିଲାର ବାନା ହଜରତ ସାଦ୍ ବିନ୍ ମାଜ୍‌ଙ୍କ ନିକଟରେ ରହିଥିଲା ।

ପ୍ରିୟ ହଜୁର ଅନଓ୍ୱରଅ.ବ ପରବର୍ତ୍ତୀ ବ୍ୟାଖ୍ୟା ଆସନ୍ତାରେ ବର୍ଣ୍ଣନା କରିବା ଦର୍ଶାଇ ନିମ୍ନ ଲିଖିତ ମୃତକମାନଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ।

ଶ୍ରୀମାନ ଗୁଲାମ୍ ରହେମାନୀ ସାହେବ ଇଂଲଣ୍ଡ ନିବାସୀ । ଶ୍ରୀମାନ ତାହେର ଏ.ଜି ହାମା ସାହେବ ମେହଦୀୟାବାଦ ଡ଼ୋରୀ ବୁରକିନାଫାସୋ ନିବାସୀ । ଶ୍ରୀମାନ ଖ୍ୱାଜା ଦାଉଦ୍ ଅହେମଦ ସାହେବ । ଶ୍ରୀମାନ ସୟଦ୍ ତନୱ୍ୱିର୍ ଶାହ୍ ସାହେବ ସସ୍‌କାଟୁନ୍ କାନେଡ଼ା ନିବାସୀ । ଶ୍ରୀମାନ ରାଣା ମୁହମ୍ମଦ ଜଫରୁଲ୍ଲାଃ ଖାନ୍ ମୁରବୀ ସିଲ୍‌ସିଲା । ଶେଷରେ ପ୍ରିୟ ହଜୁର ଅନଓ୍ୱରଅ.ବ ସମସ୍ତ ମୃତକଙ୍କ ସଦ୍‌ଗତୀ ପ୍ରାପ୍ତି ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ ପ୍ରାର୍ଥନା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍‌କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
16th June 2023